## ଆରମ୍ଭ ହେଲା ଶିଶୁପାଳଗଡ଼ ମହୋତ୍ସବ

# ନୃତ୍ୟରେ ଦୁଲୁକିଲା ମଞ୍ଚ

ଭୁବନେଶ୍ୱର, ୪।୧(ମ.ପ୍ର): ଶିଶୁପାଳଗଡ଼ ଦଶହରା ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରୁ ଶିଶୁପାଳଗଡ଼ ମହୋତ୍ସବ ଆରମ୍ଭ ହୋଇଛି। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ମଞ୍ଚ (କାପୋକ) ପକ୍ଷରୁ ଆୟୋଜିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, କାପୋକର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ସହ ସମ୍ପାଦକ ରବୀନ୍ଦ୍ର ପାତ୍ର, ଜିଲା ପରିଷଦସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ଶିଶୁପାଳଗଡ଼ ସରପଞ୍ଚ ଇତିଶ୍ରୀ ସାମନ୍ତରାୟ ଏବଂ ସମିତିସଭ୍ୟା ରଶ୍ମିତା ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ କଳିଙ୍ଗର ବୀରତ୍ୱ, ସ୍ୱର୍ଣ୍ଣିମ ଇତିହାସ ଶିଶୁପାଳଗଡ଼ ସମ୍ପର୍କରେ ଆଲୋକପାତ କରିଥିଲେ। ମଞ୍ଚର ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ଓ ସ୍ଥାପତ୍ୟ ପ୍ରତ୍ନକାର ଡ. ଭାଗ୍ୟଲିପି ମଲ୍ଲଙ୍କୁ 'ଶିଶୁପାଳଗଡ଼' ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ କରାଟେ ସ୍ୱର୍ଣ୍ଣ ପଦକ ବିଜେତା ସୁଶ୍ରୀ ଆଲିଶା ସୁବୁଦ୍ଧିଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା ଏବଂ ସମସ୍ତ କଳାକାରଙ୍କୁ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ପଣ୍ଡା ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ 'ଶିଶୁପାଳଗଡ଼ ଦି ଲଷ୍ଟ ସିଟି' ସ୍ମରଣିକା ଉନ୍ମୋଚିତ କରାଯାଇଥିଲା। ଉତ୍ସବର ପ୍ରଥମ ଅର୍ଘ୍ୟରେ ସାଇ ସ୍ମୃତି କଳା ସଂସଦ ପକ୍ଷରୁ ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟରୁ ମହୋତ୍ସବ ଆରମ୍ଭ ହୋଇଥିଲା। ଏହାପରେ ସମ୍ବଲପୁରୀ ନୃତ୍ୟ, ଜ୍ୟୋତି କଳା ମନ୍ଦିରର ନୃତ୍ୟଶିଳ୍ପୀ ଏବଂ ଗୁରୁ ଜ୍ୟୋତି ରାଉତଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ (ମୋକ୍ଷଦା) ପରିବେଷଣ ହୋଇଥିଲା। କଳିଙ୍ଗ କନ୍ୟା ପାଇକ ଆଖଡ଼ା ସଂଘ ପକ୍ଷରୁ ପାଇକ ସମରକଳା ପ୍ରଦର୍ଶିତ ହୋଇଥିଲା। କଲକାତାର ଡ. ଦେବସ୍ମିତା ମୁଖାର୍ଜୀଙ୍କ ଦ୍ୱାରା କଥକ ନୃତ୍ୟ, ରଙ୍ଗିଲା ନୃତ୍ୟ ପରିଷଦର କଳାକାର ମାନେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଇଂ ଶ୍ରୀନିବାସ ଘଟୁଆରୀ। ସଭାକାର୍ଯ୍ୟ ପରେ ପରେ ଚଳଚ୍ଚିତ୍ର କଣ୍ଠଶିଳ୍ପୀ ସୌରିନ ଭଟ୍ଟ, ଇରା ମହାନ୍ତି, ସୁଶାନ୍ତ ପଣ୍ଡା ଏବଂ ମିତ୍ରଭାନୁ ମହାନ୍ତିଙ୍କ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା।



କାର୍ଯ୍ୟକ୍ରମକୁ କାପୋକର ସଦସ୍ୟ ଦିଲୀପ ନାୟକ, ରଘୁନାଥ ପଟ୍ଟନାୟକ, ସୁବ୍ରତ ପାଇକରାୟ, ସୁବାସ ସୁନ୍ଦରାୟ,ରଶ୍ମିରଞ୍ଜନ ଶ୍ରୀଚନ୍ଦନ, ସୁଶୀଲ ଛୁଆଳସିଂ, ବାମଦେବ ଗଜେନ୍ଦ୍ର, ଲଲାଟ ସାହୁ, ମାନସ ରଥ,ପ୍ରଦୀପ ମହାନ୍ତି, ବିଶ୍ୱରଞ୍ଜନ ପାଇକରାୟ, ବିଜୟ ସାମନ୍ତରାୟ, ମିଥୁନ, ସବ୍ୟସାଚୀ, ସମରଜିତ, ପ୍ରତୀକ,ସଂଘମିତ୍ରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।